## କରୋନା ମହାମାରୀ ମୁକାବିଲା ସମୟରେ ପ୍ରାଣୀସମ୍ପଦ ବିକାଶ ପାଇଁ
## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା

- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବି ଓ ଚାଷୀମାନଙ୍କୁ ଜୀବିକା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା" ନାମକ ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଏହି ଯୋଜନାର ମୋଟ ଖର୍ଚ୍ଚ ଅଟକଳ ୧୯ କୋଟି ୯୩ ଲକ୍ଷ ଟଙ୍କା ଏବଂ ଏଥିରେ ସମୁଦାୟ ୬୫୬ ପ୍ରବାସୀ କର୍ମଜୀବି ଓ ଚାଷୀ ସହାୟତା ପାଇବେ।
- କୁକୁଡ଼ା ଘର, ପିଞ୍ଜରା, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୭.୫୯ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି।
- ପ୍ରତ୍ୟେକ ହିତାଧିକାରୀ ୧୪ ସପ୍ତାହ ବୟସର ୧୦୦୦ଗୋଟି କଳିଙ୍ଗ ବ୍ରାଉନ କିମ୍ୱା ରୋଡ୍ ଆଇଲାଣ୍ଡ ରେଡ୍ ପ୍ରଜାତିର ମାଇ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ।
- ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୩.୦୩ ଲକ୍ଷ ଟଙ୍କା (ଖର୍ଚ୍ଚ ଅଟକଳର ୪୦ ପ୍ରତିଶତ) ରିହାତି ଆକାରରେ ପ୍ରଦାନ କରିବେ। ଏହା ଦୁଇଟି କିସ୍ତିରେ ହିତାଧିକାରୀଙ୍କୁ ମିଳିବ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍‌ସ୍ତରୀୟ ନିରୀକ୍ଷଣ କମିଟି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ଚୟନ କରାଯିବ।
- ସହାୟତା ପାଇବା ନିମନ୍ତେ ପ୍ରତ୍ୟେକ ହିତାଧିକାରୀ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଆବେଦନ କରିବେ।





**ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ୱା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ**

## ସରକାରୀ ଯୋଜନାର ସାହାଯ୍ୟ ନିଅନ୍ତୁ, ଚିନ୍ତା ନକରି ଜୀବିକା ନିର୍ବାହ କରନ୍ତୁ...

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର